# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୧୩/୨୪**

**ଜିଲ୍ଲା-ଯାଜପୁର** ତା.୧୩.୦୨.୨୦୨୪

❖ **ପାଣିପାଗ ପୂର୍ବାନୁମାନ (ତା. ୧୮.୦୨.୨୦୨୪ ପର୍ଯ୍ୟନ୍ତ)-:** IMD ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାକୁ ୩ ଦିନ ପାଇଁ ଶୁଖିଲା ପାଗ ଏବଂ ଆଂଶିକ ମେଘୁଆ ଆକାଶ ସହିତ ୨ ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି | ପବନର ବେଗ ଘଣ୍ଟା ପ୍ରତି ୦୭-୦୯ କିଲୋମିଟର ମଧ୍ୟରେ ରହିବାର ସମ୍ଭାବନା ଅଛି | ଆସନ୍ତା ପାଞ୍ଚ ଦିନ ପାଇଁ ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯-୩୨ ° C ଏବଂ ୧୭-୨୧° C ରହିବାର ସମ୍ଭାବନା ଅଛି |

## ❖ ପାଣିପାଗଭିତ୍ତିକ କୃଷି ଉପଦେଶ

### ❖ ଖରାଟିଆ ଧାନ

❖ ଯେଉଁ ଚାଷୀମାନେ ପ୍ରତିରୋପଣ ଶେଷ କରିସାରିଛନ୍ତି ସେମାନେ ପ୍ରତିରୋପଣର 5-8 ଦିନ ପରେ ଗ୍ରାନୁଲାର ତୃଣନାଶକ ବେନ୍ସଲଫୁରନ-ମିଥାଇଲ + ପ୍ରିଟିଲାକ୍ଲୋର 4 କେଜି/ଏକର ପ୍ରୟୋଗ କରନ୍ତୁ।

❖ ଉପଲବ୍ଧ ଜଳ (ବର୍ଷା / ଜଳସେଚନ) କୁ ବ୍ୟବହାର କରି ଜମିରେ କାଦୁଅ କରନ୍ତୁ ଏବଂ 35 କିଲୋଗ୍ରାମ DAP, 20 କିଲୋଗ୍ରାମ MOP ଏବଂ 10 କିଲୋଗ୍ରାମ $ZnSO_4$ / ଏକର ପ୍ରୟୋଗ ସହିତ ଧାନ ପ୍ରତିରୋପଣ କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ|

❖ ପତ୍ରପୋଡା ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ତଳି ଚେର କୁ ୦.୧ % Plantomycin (୧ ଗ୍ରାମ ୧ ଲିଟର ହିସାବରେ ) ୩୦ ମିନିଟ ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ ।

### ଆଖୁ-

❖ ଆଖୁ ଫସଲର ରାଟୁନ୍ ଫସଲରେ ରୋଗ ଓ ପୋକ ସଂକ୍ରମିତ ଗଛକୁ ବାହାର କରିଦିଅନ୍ତୁ ଏବଂ ଘାସଯୁକ୍ତ ଅଙ୍କୁର ସଂକ୍ରମିତ ଗଛକୁ ବିଶୋଧନ କରିବା ପରେ ଫିପ୍ରୋନିଲ୍ 5 SC @୨ମିଲି/ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

❖ ଆଖୁ ସେଟ୍ କୁ (ମେଟାଲାକ୍ସିଲ୍ + ମ୍ୟାଙ୍କୋଜେବ୍) @2 ଗ୍ରାମ୍/ଲିଟର ପାଣିରେ ଚିକିତ୍ସା କରିବା ଦ୍ୱାରା ରେଡ୍ ରଟ୍ ଏବଂ ଝାଉଂଳା ଭଳି ରୋଗର ପ୍ରକୋପ ହ୍ରାସ ହୋଇଥାଏ।

### ମୁଗ ଓ ବିରି

❖ ମୁଗ ଓ ବିରି ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଧଳାମାଛି ଓ ଅନ୍ୟାନ୍ୟ ଶୋଷକ କୀଟ ମାନଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାପାଇଁ ୧ କିଗ୍ରା ମଞ୍ଜି ପ୍ରତି 5 ମି.ଲି. ଇମିଡାକ୍ଲୋପ୍ରିଡ ୬୦୦ ଏଫ.ଏସ. ମିଶାଇ ବିଶୋଧନ କରନ୍ତୁ ।

❖ ମୁଗ ଓ ବିରି ଫସଲର ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟେର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid କିମ୍ବା ୬୦ ମିଲି Imidachloprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

### ସୋରିଷ/ତୋରିଆ-

❖ ବର୍ତ୍ତମାନ ସମୟରେ ସୋରିଷ ଫସଲରେ ଜଉ ପୋକ ଏବଂ ଚିତ୍ରିଚିତ ଲାଗିବାର ସମ୍ଭାବନା ରହଛି । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକି ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା କି ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

### ପନିପରିବା-

**କୋବି ଜାତୀୟ ପନିପରିବା** : ମୁଖ୍ୟ ଜମିରେ ରୁଆ ଯାଇଥିବା ଫୁଲ କୋବି ୫ -୮ ସପ୍ତାହ ଅବସ୍ଥାରେ ଅଛି। କୋବି ଫସଲ ରେ ନିମ୍ନମୁଖି ପତ୍ରପୋଡ଼ା ରୋଗ ଦେଖାଗଲେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପଟାଶ ସାର ଏକର ପ୍ରତି 10kg ପ୍ରୟୋଗ କରନ୍ତୁ କିମ୍ବା ( Metalaxyl 4%+Mancozeb)64%WP(Ridomil gold) lit ପ୍ରତି 2.5gm କିମ୍ବା Tebuconazole 50%+Trifloxystrobin 25%WG (NATIVO) lit ପ୍ରତି 0.5gm ହିସାବରେ ସ୍ପ୍ରେ କରନ୍ତୁ। ୭ ଦିନ ପରେ ଆଉଥରେ ସ୍ପ୍ରେ କରନ୍ତୁ।

❖ **ବାଇଗଣ ଓ ଟମାଟ :**

❖ ଟମାଟ,ବାଇଗଣ,ଲଙ୍କା ଫସଲରେ ଚାରା ରୋପଣ ପୂର୍ବରୁ ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ତଳି ବିଶୋଧନ କରନ୍ତୁ।

❖ ପନିପରିବା ନର୍ସରୀ ଏବଂ ଜମିରେ ଥିବା ଧଳା ମାଛି ପତ୍ରପୋଡା, ପତ୍ରଡଙ୍କୁଣି ଏବଂ ଜଉ ପୋକଙ୍କ ନିୟନ୍ତ୍ରଣ ପାଇଁ ଥାୟମେଥୋକଜାମ ୦.୪ ଗ୍ରାମ/ଲିଟର ପାଣି ପ୍ରତି ସିଞ୍ଚନ କରନ୍ତୁ।

❖ ବାଇଗଣ ଫସଲରେ ପତ୍ରପୋଡା ରୋଗର ଦମନ ପାଇଁ ଏକର ପ୍ରତି ୧ ଲିଟର ପାଣିରେ ୨ ଗ୍ରା (ମେଟାଲାକ୍ସିଲ + ମାଙ୍କୋଯେବ) କିମ୍ବା ୦.୮ ମି.ଲି. ଅଯୋକ୍ସିଷ୍ଟ୍ରୋବିନ ସିଂଚନ କରନ୍ତୁ ।

❖ ଶୀତ ଦିନିଆ ପନିପରିବା ଯଥା କୋବି , ବାଇଗଣ , ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୫ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ ।

❖ ବିଲାତି ବାଇଗଣ ଓ କୋବି ଜାତୀୟ ଫସଲରେ ଧୂଆଁପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୩୦୦ ମି.ଲି. ଲମ୍ବଡା ସାଇହାଲୋଥ୍ରୀନକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଫଳ –**

❖ ଅମୃତଭଣ୍ଡା: ଅମୃତଭଣ୍ଡା ରେ ଧଳା ମାଛି ଦମନ ପାଇ NSKE 5% ସିଂଚନ କେନ୍ତୁ। ଅମୃତଭଣ୍ଡା ପତ୍ର କର୍ଲ ଭାଇରସର ଭେକ୍ଟର (ଧଳାମାଛି) କୁ ଫାନ୍ଦରେ ରଖିବା ପାଇଁ ହଳଦିଆ ଷ୍ଟିକି ଟ୍ରାପ ସଂସ୍ଥାପନ କରନ୍ତୁ। ଧଳାମାଛି ନିୟନ୍ତ୍ରଣ କରିବା ପାଇଁ ନିମ୍ ତେଲ ସୂତ୍ର 1500 ppm @ 3ml / l ଜଳ ଏବଂ ଫ୍ଲୋନିକାମିଡ୍ 50WG @ 0.3 g / l ପାଣିରେର ସ୍ପ୍ରେ କରନ୍ତୁ।

**ପଶୁପାଳନ-**

ପଶୁମାନଙ୍କୁ ନିୟମିତ ଭାବେ ଲୁଣ ସହିତ ମିନେରାଲ୍ ମିଶ୍ରଣ ଦିଆଯିବା ଉଚିତ୍ ଏବଂ ପ୍ରତିଦିନ ରାସନରେ ଗହମ ଶସ୍ୟ, ଗୁଣ୍ଡ ଇତ୍ୟାଦି @ 10% -20% ଯୋଗାନ୍ତୁ ।

ଚାଷରେର ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)